### ମହାକାଳପଡା ନିପାଣିଆଠାରେ ଡଙ୍ଗା ବୁଡି ଅଘଟଣ ପ୍ରସଙ୍ଗରେ

# ରାଜ୍ୟ ବିଜେପିର ଗଭୀର ଶୋକ ପ୍ରକାଶ

ଭୁବନେଶ୍ୱର, ତା ୦୩/୦୧: କେନ୍ଦ୍ରପଡା ମହାକାଳପଡା ନିପାଣିଆଠାରେ ଡଙ୍ଗା ବୁଡି ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପ୍ରତି ବିଜେପି ରାଜ୍ୟ ସଭାପତି ଶ୍ରୀ ବସନ୍ତ ପଣ୍ଡା ଏବଂ ବିଧାୟକ ଦଳ ନେତା ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଗଭୀର ଶୋକ ବ୍ୟକ୍ତ କରିବା ସହ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରି ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି । ଏଥି ସହ ଶ୍ରୀ ପଣ୍ଡା ଏବଂ ଶ୍ରୀ ସିଂହଦେଓ ଦୁର୍ଘଟଣାରେ ଉଦ୍ଧାର ହୋଇଥିବା ବ୍ୟକ୍ତିମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ଗତକାଲି ସଂଧ୍ୟାରେ ପିକନିକ କରି ଫେରୁଥିବା ସମୟରେ ଡଙ୍ଗା ଭାରସାମ୍ୟ ହରାଇ ବୁଡିଯାଇଥିଲା । ଏହି ଦୁର୍ଘଟଣାରେ ୯ ଜଣଙ୍କ ମୃତ୍ୟୁ ହୋଇଥିବା ସମୟରେ ଜଣେ ନିଖୋଜ ଅଛନ୍ତି ।

(ବିଜେପି ମିଡିଆ ସେଲ୍)